# NATIONAL NEWS BULLETIN (ODIA)

**20 November- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ଜନଜାତି ସମ୍ପ୍ରଦାୟର ବିକାଶ ଏବଂ ଦେଶର ଅଭିବୃଦ୍ଧି ପରସ୍ପର ପରିପୂରକ ବୋଲି ଜନଜାତୀୟ ଗୌରବ ଦିବସ ସମାରୋହରେ କହିଲେ ରାଷ୍ଟ୍ରପତି ।

- ବିହାର ମୁଖ୍ୟମନ୍ତ୍ରୀ ଭାବେ ନୀତିଶ କୁମାର ଆଜି ଦଶମଥର ଲାଗି ନେଲେ ଶପଥ ।

- ଆସନ୍ତାକାଲିଠାରୁ ତିନିଦିନିଆ ଦକ୍ଷିଣ ଆଫ୍ରିକା ଗସ୍ତରେ ଯିବେ ପ୍ରଧାନମନ୍ତ୍ରୀ ।

- ନୂଆଦିଲ୍ଲୀରେ କଲମ୍ବୋ ସୁରକ୍ଷା ସମ୍ମିଳନୀର ଜାତୀୟ ସୁରକ୍ଷା ପରାମର୍ଶଦାତା ମାନଙ୍କର ସପ୍ତମ ବୈଠକ ଆରମ୍ଭ ।

ଏବଂ

- ଗୋଆରେ ଆଜିଠାରୁ ଆରମ୍ଭ ହେଉଛି ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ ।

# ପ୍ରେସିଡେଣ୍ଟ-ଭିଜିଟ୍

ଜନଜାତି ସମ୍ପ୍ରଦାୟର ବିକାଶ ଏବଂ ଦେଶର ଅଭିବୃଦ୍ଧି ପରସ୍ପର ପରିପୂରକ ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି । ଛତିଶଗଡର ଅମ୍ବିକାପୁରଠାରେ ଜନଜାତୀୟ ଗୌରବ ଦିବସ ସମାରୋହରେ ଯୋଗଦେଇ ରାଷ୍ଟ୍ରପତି ମୁର୍ମୁ କହିଛନ୍ତି ଜନଜାତି ସମ୍ପ୍ରଦାୟର ଅବଦାନ ଭାରତର ସମୃଦ୍ଧ ଐତିହାସିକ ଅଧ୍ୟାୟ ସୃଷ୍ଟି କରିଛି । ଜନଜାତି ସମ୍ପ୍ରଦାୟର ସଂସ୍କୃତି ଆମର ଐତିହ୍ୟ ଏବଂ ପରିଚୟ ବହନ କରେ । ଏଣୁ ଏହାର ସଂରକ୍ଷଣ କରିବା ଆମର କର୍ତ୍ତବ୍ୟ ବୋଲି ରାଷ୍ଟ୍ରପତି କହିଛନ୍ତି ।

**V/O (Rastrapati)**

ଏହି ଅବସରରେ ରାଷ୍ଟ୍ରପତି ଜନଜାତି ସମ୍ପ୍ରଦାୟର ନେତାମାନଙ୍କୁ ସମ୍ମାନିତ କରିଥିଲେ । ଆଦିବାସୀ ସମ୍ପ୍ରଦାୟର ଉତ୍ଥାନ କରିଥିବା ବ୍ୟକ୍ତିବିଶେଷ ଏବଂ ସ୍ୱାଧୀନତା ସଂଗ୍ରାମୀମାନଙ୍କ ପରିବାରଗୁଡ଼ିକୁ ମଧ୍ୟ ସମ୍ମାନିତ କରିଥିଲେ। ଜନଜାତି ଗୌରବ ଦିବସ ସମାରୋହରେ ଲୋକନୃତ୍ୟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ରାଷ୍ଟ୍ରପତି ପୁରସ୍କୃତ କରିଥିଲେ । କାର୍ଯ୍ୟକ୍ରମରେ ଛତିଶଗଡ ରାଜ୍ୟପାଳ ରାମେନ ଡେକା, ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ସାଏ, କେନ୍ଦ୍ରରାଷ୍ଟ୍ରମନ୍ତ୍ରୀ ଦୁର୍ଗା ଦାସ ପ୍ରମୁଖ ଯୋଗ ଦେଇଥିଲେ ।

ରାଷ୍ଟ୍ରପତିଙ୍କ ଛତିଶଗଡ, ତେଲଙ୍ଗାନା ଓ ଆନ୍ଧ୍ରପ୍ରଦେଶକୁ ତିନିଦିନିଆ ଗସ୍ତର ଦ୍ୱିତୀୟ ପର୍ଯ୍ୟାୟରେ ଆସନ୍ତାକାଲି ସେ ତେଲଙ୍ଗାନାର ସିକନ୍ଦରାବାଦ୍‌ସ୍ଥିତ ରାଷ୍ଟ୍ରପତି ନିଲୟମ୍‌ଠାରେ ଭାରତୀୟ କଳା ମହୋତ୍ସବ ୨୦୨୫ର

ଉଦ୍‌ଘାଟନ କରିବେ । ଭାରତୀୟ କଳା ମହୋତ୍ସବର ଏହି ଦ୍ୱିତୀୟ ସଂସ୍କରଣରେ ଗୁଜରାଟ, ମହାରାଷ୍ଟ୍ର, ରାଜସ୍ଥାନ, ଗୋଆ, ଦାଦରା ଓ ନଗର ହାବେଳି ଏବଂ ଦାମନ୍ ଓ ଡିଉର ସମୃଦ୍ଧ ସାଂସ୍କୃତିକ ବୈଭବ ଓ ପାରମ୍ପରିକ ହସ୍ତଶିଳ୍ପ ଆଦି ସ୍ଥାନ ପାଇବ । ଗସ୍ତର ଶେଷ ପର୍ଯ୍ୟାୟରେ ଶନିବାର ଦିନ ରାଷ୍ଟ୍ରପତି ଆନ୍ଧ୍ରପ୍ରଦେଶର ପୁଟ୍ଟପର୍ତି ସ୍ଥିତ ପ୍ରଶାନ୍ତି ନିଳୟମ୍ ଠାରେ ଶ୍ରୀ ସତ୍ୟସାଇ ବାବାଙ୍କର ଶତବାର୍ଷିକୀ ସମାରୋହ ଅବସରରେ ଆୟୋଜିତ ସ୍ୱତନ୍ତ୍ର ଅଧିବେଶନରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

## ନୀତିଶ କୁମାର-ବିଜେପି

ଜନତା ଦଳ ସଂଯୁକ୍ତ - ଜେଡିୟୁ ମୁଖ୍ୟ ନୀତିଶ କୁମାର ଆଜି ଦଶମଥର ଲାଗି ବିହାରର ମୁଖ୍ୟମନ୍ତ୍ରୀ ଭାବେ ଶପଥଗ୍ରହଣ କରିଛନ୍ତି । ପାଟ୍‌ନାର ଐତିହାସିକ ଗାନ୍ଧୀ ମଇଦାନଠାରେ ଆୟୋଜିତ ଶପଥଗ୍ରହଣ ସମାରୋହରେ ବିହାର ରାଜ୍ୟପାଳ ନୀତିଶ କୁମାରଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଥିଲେ ।

**V/O (Nitish Kumar Oth)**

ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କ ସମେତ ୨୭ଜଣ ମନ୍ତ୍ରୀ ଆଜି ଶପଥଗ୍ରହଣ କରିଛନ୍ତି । ବିଜେପି ନେତା ସମ୍ରାଟ ଚୌଧୁରୀ, ବିଜୟ କୁମାର ସିହ୍ନା, ଦିଲୀପ ଜୟସ୍ୱାଲ, ମଙ୍ଗଲ ପାଣ୍ଡେ, ନୀତିନ ନବୀନ ଏବଂ ରାମକ୍ରିପାଲ ଯାଦବ ପ୍ରମୁଖ ନୀତିଶ କୁମାରଙ୍କ ମନ୍ତ୍ରିମଣ୍ଡଳରେ ମନ୍ତ୍ରୀ ଭାବେ ଶପଥଗ୍ରହଣ କରିଛନ୍ତି ।  ଜେଡିୟୁର ଲେସି ସିଂହ, ସ୍ରୋଆନ କୁମାର,

ବିଜେନ୍ଦ୍ର ପ୍ରସାଦ ଯାଦବ, ଜମ୍ମା ଖାନ ଏବଂ ଅଶୋକ ଚୌଧୁରୀ ମନ୍ତ୍ରୀଭାବେ ଶପଥ ନେଇଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ବିଜେପି ଶାସିତ ରାଜ୍ୟ ଗୁଡ଼ିକର ମୁଖ୍ୟମନ୍ତ୍ରୀମାନେ ଏହି ଶପଥଗ୍ରହଣ ସମାରୋହରେ ଅଂଶଗ୍ରହଣ କରିଥିଲେ । ୨୪୩ ଆସନ ବିଶିଷ୍ଟ ବିହାର ବିଧାନସଭା ନିର୍ବାଚନରେ ଏନ୍‌ଡିଏ ୨୦୨ଟି ଆସନ ଲାଭ କରି ଐତିହାସିକ ବିଜୟ ସହ ପୁନର୍ବାର କ୍ଷମତା ଦଖଲ କରିଛି ।

## ପିଏମ୍-ସାଉଥ୍ ଆଫ୍ରିକା ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିଂଶତମ ଜି-୨୦ ନେତୃତ୍ୱ ସମ୍ମିଳନୀରେ ଯୋଗଦେବାଲାଗି ଆସନ୍ତାକାଲିଠାରୁ ୩ଦିନିଆ ଦକ୍ଷିଣ ଆଫ୍ରିକା ଗସ୍ତରେ ଯିବେ । ଏହି ସମ୍ମିଳନୀ ଜୋହାନ୍ସବର୍ଗଠାରେ ଅନୁଷ୍ଠିତ ହେବ । ଏଥିସହିତ କ୍ରମାଗତ ଚତୁର୍ଥଥର ଲାଗି ଜି-୨୦ ସମ୍ମିଳନୀ ଗ୍ଲୋବାଲ ସାଉଥ୍‌ରେ ଆୟୋଜିତ ହେଉଛି ।

ଏ ସମ୍ପର୍କରେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଜାରି କରାଯାଇଥିବା ଏକ ବିବୃତ୍ତିରେ କୁହାଯାଇଛି ଯେ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ଜି-୨୦ କାର୍ଯ୍ୟସୂଚୀ ଉପରେ ଭାରତର ପକ୍ଷ ରଖିବେ । ସମ୍ମିଳନୀର ସମସ୍ତ ୩ଟିଯାକ ଅଧିବେଶନକୁ ଶ୍ରୀ ମୋଦୀ ସମ୍ବୋଧିତ କରିବାର କାର୍ଯ୍ୟସୂଚୀ ରହିଛି । ଏହି ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ

ଜୋହାନ୍ସବର୍ଗଠାରେ ସଦସ୍ୟ ରାଷ୍ଟ୍ରଗୁଡ଼ିକର ମୁଖ୍ୟମାନଙ୍କ ସହ ଦୁଇପକ୍ଷୀୟ ବୈଠକ କରିବାର ଆଶା କରାଯାଉଛି । ଏତଦ୍‌ବ୍ୟତୀତ ଦକ୍ଷିଣଆଫ୍ରିକା ଦ୍ୱାରା ଆୟୋଜିତ ଭାରତ-ବ୍ରାଜିଲ-ଦକ୍ଷିଣ ଆଫ୍ରିକା ନେତୃତ୍ୱ ବୈଠକରେ ମଧ୍ୟ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଅଂଶଗ୍ରହଣ କରିବେ ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ କହିଛି ।

## ଏନ୍‌ଏସ୍‌ଏ-କଲମ୍ବୋ ସିକ୍ୟୁରିଟି କନ୍‌କ୍ଲେଭ୍

କଲମ୍ବୋ ସୁରକ୍ଷା ସମ୍ମିଳନୀର ଜାତୀୟ ସୁରକ୍ଷା ପରାମର୍ଶଦାତା ମାନଙ୍କର ସପ୍ତମ ବୈଠକ ଆଜି ନୂଆଦିଲ୍ଲୀରେ ଆରମ୍ଭ ହୋଇଛି । ଏଥିରେ ଭାରତର ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ୍ ତାଙ୍କର ମାଲଦୀପ, ମରିସସ୍, ଶ୍ରୀଲଙ୍କା ଓ ବାଂଲାଦେଶ ପ୍ରତିପକ୍ଷ ଯୋଗ ଦେଇଛନ୍ତି । ସିଚେଲ୍ସ ଏହି ସମ୍ମିଳନୀରେ ପର୍ଯ୍ୟବେକ୍ଷକ ରାଷ୍ଟ୍ର ଭାବେ ଯୋଗଦେଇଥିବା ବେଳେ ଅତିଥି ରାଷ୍ଟ୍ର ଭାବେ ମାଲେସିଆ ଅଂଶଗ୍ରହଣ କରିଛି । ସମ୍ମିଳନୀକୁ ଉଦ୍‌ବୋଧନ ଦେଇ ଶ୍ରୀ ଡୋଭାଲ କହିଛନ୍ତି ବ୍ୟାପକ ପରିବର୍ତ୍ତନ ଏବଂ ବିଶ୍ୱ ସୁରକ୍ଷା ପରିବେଶଗତ ଆହ୍ୱାନ ସତ୍ତ୍ୱେ କଲମ୍ବୋ ସୁରକ୍ଷା ସମ୍ମିଳନୀ ଉଲ୍ଲେଖନୀୟ ସଫଳତା ପାଇଛି । ସେ କହିଛନ୍ତି ସମୁଦ୍ର ହେଉଛି ଆମର ବୃହତ୍ତମ ଐତିହ୍ୟ । ଏହା ଅର୍ଥନୈତିକ ପ୍ରଗତିକୁ ତ୍ୱରାନ୍ୱିତ କରିଥାଏ । ଦେଶଗୁଡ଼ିକ ସାମୁଦ୍ରିକ ଓ ଭୌଗୋଳିକ ଦ୍ୱାରା ସଂଯୋଗ ହୋଇଛନ୍ତି । ରାଷ୍ଟ୍ରଗୁଡ଼ିକ ଅଞ୍ଚଳର ସ୍ଥିରତା, ସୁରକ୍ଷା ଏବଂ ନିରାପତ୍ତା ସୁନିଶ୍ଚିତ କରିବା ଲାଗି ଏହି ସମ୍ମିଳନୀର ଗୁରୁଦାୟିତ୍ୱ ରହିଛି ।

ଏହି ସମ୍ମିଳନୀରେ ସାମୁଦ୍ରିକ ସୁରକ୍ଷା, ସନ୍ତ୍ରାସବାଦ କାର୍ଯ୍ୟ ଓ ସଂଗଠିତ ଅପରାଧକୁ ପ୍ରତିହତ କରିବା, ସାଇବର ସୁରକ୍ଷା, ବିପର୍ଯ୍ୟୟ ସମୟରେ

ମାନବୀୟ ସହାୟତା ଓ ରିଲିଫ୍ ସମେତ ୨୦୨୬ ବର୍ଷ ଲାଗି ରୋଡ୍ ମ୍ୟାପ୍ ଓ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରିବା ଉପରେ ଆଲୋଚନା କରାଯାଇଛି ।

## ସୀତାରମଣ ପିଆର୍ ବଜେଟ୍

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଅଧ୍ୟକ୍ଷତାରେ ଆଜି ନୂଆଦିଲ୍ଲୀଠାରେ ଆଗାମୀ କେନ୍ଦ୍ରୀୟ ବଜେଟ୍ ୨୦୨୬-୨୭ ପାଇଁ ପର୍ଯ୍ୟଟନ ଏବଂ ବ୍ୟବହାରିକ କ୍ଷେତ୍ରରୁ ବିଶେଷଜ୍ଞ ଏବଂ ଅଂଶୀଦାରମାନଙ୍କୁ ନେଇ ନବମ ପ୍ରାକ୍ ବଜେଟ୍ ପରାମର୍ଶଦାତା ବୈଠକ ଅନୁଷ୍ଠିତ ହୋଇଛି । ଏହି ବୈଠକରେ କେନ୍ଦ୍ର ଅର୍ଥରାଷ୍ଟ୍ର ମନ୍ତ୍ରୀ ପଙ୍କଜ ଚୌଧୁରୀ, ଅର୍ଥନୈତିକ ବ୍ୟାପାର, ପର୍ଯ୍ୟଟନ ମନ୍ତ୍ରଣାଳୟର ସଚିବ ଏବଂ ସରକାରଙ୍କ ମୁଖ୍ୟ ଅର୍ଥନୈତିକ ଉପଦେଷ୍ଟା ପ୍ରମୁଖ ଯୋଗ ଦେଇଥିଲେ । ଅର୍ଥମନ୍ତ୍ରୀ ଶ୍ରୀମତୀ ସୀତାରମଣ ଗତକାଲି ସୂଚନା, ପ୍ରଯୁକ୍ତିବିଦ୍ୟା, ବ୍ୟାଙ୍କିଂ, ଅର୍ଥନୈତିକ ସେବା ଏବଂ ବୀମା ନିଗମର ବିଶେଷଜ୍ଞମାନଙ୍କ ସହ ସାକ୍ଷାତ୍ ଆଲୋଚନା କରିଥିଲେ । ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ବିଶେଷଜ୍ଞ, ଶିଳ୍ପନେତା, ଅର୍ଥନୀତିଜ୍ଞ ଏବଂ ରାଜ୍ୟ ଅଧିକାରୀମାନଙ୍କ ସହ ପ୍ରାକ୍ ବଜେଟ୍ ପରାମର୍ଶଦାତା ବୈଠକ ଜାରି ରହିଛି ।

# ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୩୦ ତାରିଖ  ରବିବାର ଦିନ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଜନସାଧାରଣଙ୍କ ସହ ଭାବ ବିନିମୟ କରିବେ । ଏହା ହେବ ତାଙ୍କର ମାସିକ ରେଡିଓ ମନ୍ କି ବାତ୍ କାର୍ଯ୍ୟକ୍ରମର ୧୨୮ତମ ସଂସ୍କରଣ । ଏଥିପାଇଁ ପ୍ରଧାନମନ୍ତ୍ରୀ ଲୋକମାନଙ୍କୁ ସେମାନଙ୍କର ମତାମତ ଦେବାକୁ ଅନୁରୋଧ କରିଛନ୍ତି । ଜନସାଧାରଣ ନମୋ ଆପ୍ ଓ My Gov  ପୋର୍ଟାଲ୍‌ରେ ସେମାନଙ୍କର ମତାମତ ଦେଇ ପାରିବେ । ଏହା ବ୍ୟତୀତ ସେମାନେ 1800-11-7800 ଡାଏଲ୍ କରି ସେମାନଙ୍କର ମତାମତ ରେକର୍ଡ କରିପାରିବେ । ସେମାନେ ମଧ୍ୟ 1922 କୁ ମିସ୍‌ଡ କଲ୍ ଦେଇ SMS ଅନୁସାରେ ନିଜର ମତାମତ ଆସନ୍ତା ୨୮ ତାରିଖ ମଧ୍ୟରେ ଦେଇପାରିବେ ।

ମନ୍ କି ବାତ୍ କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟ୍‌ୱର୍କ, ଆକାଶବାଣୀ ସମ୍ବାଦ ୱେବ୍‌ସାଇଟ୍ ଓ ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ମୋବାଇଲ୍ ଆପ୍‌ରେ ଉପଲବ୍ଧ ହେବ । ଏହା ଆକାଶବାଣୀ ସମ୍ବାଦ, ଡି.ଡି. ନ୍ୟୁଜ୍, ପି.ଏମ୍.ଓ. ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ଲାଇଭ୍ ଷ୍ଟ୍ରିମିଙ୍ଗ୍ ହେବ । ହିନ୍ଦୀ ପ୍ରସାରଣ ପରେ ପରେ ଆକାଶବାଣୀ କାର୍ଯ୍ୟକ୍ରମର ଆଞ୍ଚଳିକ ଭାଷାନ୍ତରଣର ପ୍ରସାରଣ କରିବ ।

# ଡିଫେନ୍ସ ପ୍ରଡକ୍ସନ

ଭାରତ ୨୦୨୪-୨୫ ଆର୍ଥିକ ବର୍ଷରେ ୧ଲକ୍ଷ ୫୪ହଜାର କୋଟି ଟଙ୍କାର ସର୍ବାଧିକ ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦନ କରି ରେକର୍ଡ ସୃଷ୍ଟି କରିଛି । ପ୍ରତିରକ୍ଷା ରପ୍ତାନୀ ପରିମାଣ ୨୦୨୪-୨୫ ମସିହାରେ ୨୩ହଜାର ୬୨୨କୋଟି ଟଙ୍କା ରହିଛି । ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ୨୦୧୩-୧୪ ମସିହାରେ ପ୍ରତିରକ୍ଷା ବାବଦ ବଜେଟ୍ ପରିମାଣ ୨ଲକ୍ଷ ୫୩ହଜାର କୋଟି ଟଙ୍କା ଥିବାବେଳେ ୨୦୨୫-୨୬ ଆର୍ଥିକ  ବର୍ଷରେ ଏହାର ପରିମାଣ ୬ଲକ୍ଷ ୮୧ହଜାର କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି । ଜାତୀୟ ସାମରିକ ଭିତ୍ତିଭୂମିକୁ ସୁଦୃଢ଼ କରିବା ଲାଗି ସରକାରଙ୍କ ପ୍ରତିବଦ୍ଧତାର ଫଳସ୍ୱରୂପ ପ୍ରତିରକ୍ଷା ଉତ୍ପାଦନ କ୍ଷେତ୍ରକୁ ଅଧିକ ବିକଶିତ କରାଯାଇଛି । ୨୦୨୯ ମସିହା ସୁଦ୍ଧା ପ୍ରତିରକ୍ଷା ଉତ୍ପାଦନ ପରିମାଣ ୩ଲକ୍ଷ କୋଟି ଟଙ୍କା ଏବଂ ପ୍ରତିରକ୍ଷା ରପ୍ତାନୀ ପରିମାଣ ୫୦ହଜାର କୋଟି ଟଙ୍କାକୁ ବୃଦ୍ଧି କରିବା ଲାଗି କେନ୍ଦ୍ର ସରକାରଙ୍କର ଲକ୍ଷ୍ୟ ରହିଛି । ବିଶ୍ୱ ପ୍ରତିରକ୍ଷା ଉତ୍ପାଦନ କ୍ଷେତ୍ରରେ ଭାରତର ପ୍ରମୁଖ ଭୂମିକା ରହିବା ସହ ଅର୍ଥନୈତିକ ଅଭିବୃଦ୍ଧିକୁ ଏହା ତ୍ୱରାନ୍ୱିତ କରିବ ବୋଲି କୁହାଯାଇଛି ।

# ନଡ୍ଡା-ଓ୍ୱାନ୍ ହେଲ୍‌ଥ ଆସେମ୍ବ୍ଲି

କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡା ଆଜି କହିଛନ୍ତି ଗତ ଦଶନ୍ଧି ମଧ୍ୟରେ ଭାରତ ଆନ୍ତର୍ଜାତୀୟ ସ୍ତରରେ ସ୍ୱାସ୍ଥ୍ୟ ଗବେଷଣା ଏବଂ ଔଷଧ କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଜାତୀୟ ଏକକ ସ୍ୱାସ୍ଥ୍ୟ ସଭା ୨୦୨୫କୁ ଭିଡ଼ିଓ ବାର୍ତ୍ତା ମାଧ୍ୟମରେ ଶ୍ରୀ ନଡ୍ଡା କହିଛନ୍ତି ପ୍ରଯୁକ୍ତି ବିଦ୍ୟାର ଅଗ୍ରଗତି, ଦୃଢ଼ ଗବେଷଣା ସାମର୍ଥ୍ୟ ଏବଂ ଷ୍ଟାର୍ଟଅପ୍ କ୍ଷେତ୍ରରେ ଦ୍ରୁତ ଅଭିବୃଦ୍ଧି ଯୋଗୁଁ ଦେଶ ଆଜି ନବସୃଜନର କେନ୍ଦ୍ରସ୍ଥଳ ଭାବେ ଉଦୀୟମାନ ହୋଇଛି । ଏହି ଜାତୀୟ ଏକକ ସ୍ୱାସ୍ଥ୍ୟ ଅଭିଯାନର ଶୁଭାରମ୍ଭ' ଭାରତର ଚିକିତ୍ସା କ୍ଷେତ୍ରରେ ବ୍ୟାପକ ପ୍ରସ୍ତୁତିର ଜ୍ୱଳନ୍ତ ଉଦାହରଣ ବୋଲି ସୂଚନା ମିଳିଛି । ମାନବ, ପ୍ରାଣୀସମ୍ପଦ ଏବଂ ପରିବେଶଗତ ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ମିଳିତଭାବେ କାର୍ଯ୍ୟକରିବା ଲାଗି ୧୬ଟି କେନ୍ଦ୍ରୀୟ ଏବଂ ରାଜ୍ୟର ମନ୍ତ୍ରୀ ଏବଂ ବିଭାଗକୁ ଏକତ୍ର କରାଯାଇପାରିଛି । ଚିକିତ୍ସା ଏବଂ ପ୍ରଯୁକ୍ତି ବିଦ୍ୟା ଆଧାରିତ ଷ୍ଟାର୍ଟଅପ୍ ଗୁଡ଼ିକ ଦ୍ରୁତ ଏବଂ ନିର୍ଭୁଲ ପରୀକ୍ଷଣ ପାଇଁ ସହାୟକ ହୋଇପାରୁଛି ବୋଲି ଶ୍ରୀ ନଡ୍ଡା କହିଛନ୍ତି । ଶ୍ରୀ ନଡ୍ଡା କହିଛନ୍ତି ଯେ ଭାରତ ସ୍ୱଦେଶୀ କୋଭାକ୍ସିନ, କୋର୍ବେଭାକ୍ସ ଏବଂ କୋଭିସିଲ୍ଡ ଭଳି କୋଭିଡ଼ ନାଇଣ୍ଟିନ୍ ପ୍ରତିଷେଧକ ବିକଶିତ କରି ସମଗ୍ର ବିଶ୍ୱରେ ଭାରତର ନିଜର ସ୍ୱତନ୍ତ୍ର ସ୍ଥାନ ଗ୍ରହଣ କରିପାରିଛି । ଜାତୀୟ ଏକକ ସ୍ୱାସ୍ଥ୍ୟ ଅଭିଯାନ'

ଚିକିତ୍ସା କ୍ଷେତ୍ରର ଉନ୍ନତି କରିବା ସହ ମହାମାରୀ ରୋଗର ଲକ୍ଷଣ ଏବଂ ସତର୍କତା ସମ୍ପର୍କରେ ସଚେତନତା ସୃଷ୍ଟି ଦିଗରେ ସହାୟକ ହେବ ବୋଲି ଶ୍ରୀ ନଡ୍ଡା କହିଛନ୍ତି ।

## ଆଇଏଫ୍ଏଫ୍ଆଇ-୨୦୨୫

୫୬ତମ ଆନ୍ତର୍ଜାତିକ ଚଳଚ୍ଚିତ୍ର ମହୋତ୍ସବ ଆଇ.ଏଫ୍.ଏଫ୍.ଆଇ. ୨୦୨୫ ଆଜି ଅପରାହ୍ଣରେ ଗୋଆରେ ଆରମ୍ଭ ହେଉଛି । ଭାରତର ସିନେମା ଐତିହ୍ୟକୁ ପ୍ରଦର୍ଶନ କରୁଥିବା ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଏହି ମହୋତ୍ସବର ଶୁଭାରମ୍ଭ ହେବ । ୮୧ଟି ଦେଶର ପ୍ରତିନିଧି, ଚଳଚ୍ଚିତ୍ର ନିର୍ମାତା ଏଥିରେ ଅଂଶଗ୍ରହଣ କରିବା ସହ ୨୪୦ରୁ ଅଧିକ ଚଳଚ୍ଚିତ୍ର ପ୍ରଦର୍ଶନ କରାଯିବ । ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ପଣଜୀ ଠାରେ ୯ ଦିନ ଧରି ଏହି ମହୋତ୍ସବ ଅନୁଷ୍ଠିତ ହେବ । ଗୋଆର ୫ଟି ପ୍ରମୁଖ ସ୍ଥାନରେ ଚଳଚ୍ଚିତ୍ର ଗୁଡ଼ିକର ପ୍ରଦର୍ଶନ ସହ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି ।